# NATIONAL NEWS BULLETIN (ODIA)
## 30th January - 2025
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ବଜେଟ୍ ଅଧିବେଶନର ଅବ୍ୟବହିତ ପୂର୍ବରୁ ସଂସଦ ଭବନ ପରିସରରେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ।
- ନିଜସ୍ୱ ଜ୍ଞାନକୌଶଳ ଉପଯୋଗରେ ଭାରତ କୃତ୍ରିମ ବୁଦ୍ଧିମତ୍ତାର ମୌଳିକ ମଡେଲ ପ୍ରସ୍ତୁତ କରିବ; କହିଲେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ।
- ଗୁଜରାଟରେ ୩ଟି ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ।
- ଉତ୍ତର ପ୍ରଦେଶ ମହାକୁମ୍ଭମେଳାରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତପାଇଁ ବିଚାର ବିଭାଗୀୟ କମିଶନ ଗଠିତ ।

ଏବଂ

- ଦିଲ୍ଲୀ ବିଧାନସଭା ନିର୍ବାଚନପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଅଭିଯାନ ଜାରି ।

## ଗଭ୍ - ଅଲ୍ ପାର୍ଟି ମିଟିଂ

ବଜେଟ୍ ଅଧିବେଶନର ଅବ୍ୟବହିତ ପୂର୍ବରୁ ସଂସଦ ଭବନ ପରିସରରେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସଦର ସୁପରିଚାଳନାକୁ ସୁନିଶ୍ଚିତ କରିବାପାଇଁ ସରକାର ସବୁ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି । ବୈଠକ ଶେଷରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଆରମ୍ଭ ହେବାକୁ ଥିବା ବଜେଟ୍ ଅଧିବେଶନର ପ୍ରଥମ ଦିନରେ ସଂସଦର ଉଭୟ ସଦନକୁ ସମ୍ବୋଧିତ କରିବେ । ସେ କହିଛନ୍ତି, ଉଭୟ ସଦନକୁ ରାଷ୍ଟ୍ରପତିଙ୍କ ସମ୍ବୋଧନ ପରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ ।

ଆସନ୍ତା ଶନିବାର ଦିନ କେନ୍ଦ୍ର ବଜେଟ୍ ଉପସ୍ଥାପନ କରାଯିବ ବୋଲି ଶ୍ରୀ ରିଜିଜୁ କହିଛନ୍ତି । ଏହି ଅଧିବେଶନ କାଳରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ଉପରେ ଆଲୋଚନା ହେବା ସହିତ ବଜେଟ୍ ଉପରେ ମଧ୍ୟ ଆଲୋଚନା ହେବ । ବଜେଟ୍ ସମ୍ବନ୍ଧୀୟ ଆଲୋଚନା ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । କିଛିଦିନର ବ୍ୟବଧାନ ପରେ ବଜେଟ୍ ଅଧିବେଶନ ମାର୍ଚ୍ଚ ୧୦

ତାରିଖରୁ ପୁଣି ଥରେ ଆରମ୍ଭ ହେବ । ବଜେଟ୍ ଅଧିବେଶନରେ ଆଲୋଚନାପାଇଁ ୧୬ଟି ବିଲ୍ ଏବଂ ୧୯ଟି ବିଜିନେସ୍‌କୁ ତାଲିକାଭୁକ୍ତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଫେବୃୟାରୀ ୫ ତାରିଖରେ ଜାତୀୟ ରାଜଧାନୀ ଦିଲ୍ଲୀରେ ନିର୍ବାଚନ ଥିବାରୁ ସେହିଦିନ ସଂସଦର କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ ତଥା ଲୋକସଭାର ଉପନେତା ରାଜନାଥ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ତଥା ରାଜ୍ୟସଭାର ନେତା ଜେ.ପି. ନଡ୍ଡା, ସଂସଦୀୟ ବ୍ୟାପାର କିରେନ୍ ରିଜିଜୁ, କଂଗ୍ରେସ ସାଂସଦ ଜୟରାମ ରମେଶ, ଗୌରବ ଗୋଗୋଇ, ତୃଣମୂଳ କଂଗ୍ରେସ ସାଂସଦ ସୁଦିପ ବନ୍ଦୋପାଧ୍ୟାୟ, ସମାଜବାଦୀ ପାର୍ଟି ସାଂସଦ ରାମଗୋପାଳ ଯାଦବ, ବି.ଜେ.ଡି. ସାଂସଦ ସସ୍ମିତ୍ ପାତ୍ର ଏବଂ ଡି.ଏମ୍.କେ. ସାଂସଦ ଟି.ଆର୍. ବାଲୁ ପ୍ରମୁଖ ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଉପସ୍ଥିତ ଥିଲେ ।

## ବୈଷ୍ଣବ - ଏ.ଆଇ.

ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଗାମୀ ମାସଗୁଡ଼ିକରେ ଭାରତ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର 'ମୌଳିକ ମଡେଲ୍' ପ୍ରସ୍ତୁତ କରିବ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତର ମୌଳିକ ମଡେଲ୍ ବିଶ୍ୱର ସର୍ବଶ୍ରେଷ୍ଠ

ମଡେଲ୍ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ ହେବ । ଭାରତର ନିଜସ୍ୱ କୃତ୍ରିମ ବୁଦ୍ଧିମତା ମଡେଲ୍  ବିକଶିତ କରିବାପାଇଁ ଏକ ପ୍ରସ୍ତାବ ଉପରେ ଢାଞ୍ଚା ପ୍ରସ୍ତୁତ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକ ପ୍ରତିଷ୍ଠାନ ମଧ୍ୟ ସ୍ଥାପନ କରାଯିବ ବୋଲି ସେ କହିଛନ୍ତି । ଭାରତୀୟ କୃତ୍ରିମ ବୁଦ୍ଧିମତ୍ତା ମିଶନ୍‌ର ଅଗ୍ରଗତି ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଏହା ପ୍ରାରମ୍ଭିକ ଗ୍ରାଫିକ୍ ପ୍ରୋସେସିଙ୍ଗ୍ ୟୁନିଟ୍ - ଜି.ପି.ୟୁ. ଲକ୍ଷକୁ ଅତିକ୍ରମ କରିସାରିଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ୧୫ ହଜାର ଜି.ପି.ୟୁ. ସହିତ ଏକ ସାଧାରଣ କମ୍ପ୍ୟୁଟିଙ୍ଗ୍ ସୁବିଧା ଆରମ୍ଭ କରାଯାଇଛି । ଆଗାମୀ ଦିନରେ ଷ୍ଟାର୍ଟଅପ୍, ଗବେଷକ ଏବଂ ଡେଭ୍‌ଲର୍ସମାନଙ୍କ ପାଇଁ ଏହା ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ । ଡିପ୍‌ସିକ୍’ ନାମକ ଚୀନ୍‌ର ଏକ କୃତ୍ରିମ ବୁଦ୍ଧିମତ୍ତା କମ୍ପାନୀର ଗୋପନୀୟତା ପ୍ରସଙ୍ଗରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଏହା ଖୁବ୍ ଶୀଘ୍ର ଭାରତୀୟ ସର୍ଭର୍‌ରେ ହୋଷ୍ଟ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରା ଅନୁଯାୟୀ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମସ୍ତଙ୍କ ପାଇଁ ଉପଲବ୍ଧ ହେବା ଉଚିତ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଶାହା - ଗୁଜରାଟ କ୍ରିମିନାଲ୍ ଲ’ ମିଟ୍

ଗୁଜରାଟରେ ୩ଟି ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତାର ସମୀକ୍ଷା ବୈଠକ ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧକ୍ଷତାରେ ଅନୁଷ୍ଠିତ

ହୋଇଛି । ଏହି ବୈଠକରେ ଆଇନଗୁଡ଼ିକର କାର୍ଯ୍ୟକାରିତା ଏବଂ ନୂତନ ବ୍ୟବସ୍ଥାରେ ଏହାର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଛି । ଗୁଜରାଟ୍‌ରେ ପୁଲିସ୍, ଜେଲ୍, କୋର୍ଟ, ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଫୋରେନ୍‌ସିକ୍ ବ୍ୟବସ୍ଥାରେ ଏହି ନୂତନ ନ୍ୟାୟିକ ପ୍ରକ୍ରିୟା କିଭଳି କାର୍ଯ୍ୟକାରୀ ହେଉଛି, ସେ ସମ୍ପର୍କରେ ସମୀକ୍ଷା କରାଯାଇଛି । ବୈଠକରେ ଗୁଜରାଟ୍ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍ ଉପସ୍ଥିତ ଥିଲେ ।

ଏଥିରେ ଅଧ୍ୟକ୍ଷତା କରି ଏଫ୍.ଆଇ.ଆର୍. ଦାଏର କରିବାର ୩ ବର୍ଷ ମଧ୍ୟରେ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରିବାପାଇଁ ଏହି ୩ଟି ନୂତନ ଅପରାଧିକ ଆଇନରେ ବ୍ୟବସ୍ଥା ରହିଥିବା ଶ୍ରୀ ଶାହା ମତବ୍ୟକ୍ତ କରିଛନ୍ତି । ଚଳିତ ବର୍ଷ ଏପ୍ରିଲ୍ ୩୦ ତାରିଖ ସୁଦ୍ଧା ଗୁଜରାଟ ସରକାର ସମସ୍ତ କମିଶନରେଟ୍ ଅଞ୍ଚଳ ତଥା ସମଗ୍ର ରାଜ୍ୟରେ ଏହି ନୂତନ ଅପରାଧିକ ଆଇନଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଥିବା ନେଇ ସୁନିଶ୍ଚିତ କରିବାପାଇଁ ଶ୍ରୀ ଶାହା ପରାମର୍ଶ ଦେଇଛନ୍ତି । ଏହି ଆଇନଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ନେଇ ମୁଖ୍ୟମନ୍ତ୍ରୀ ମାସକୁ ଥରେ, ରାଜ୍ୟ ଗୃହ ମନ୍ତ୍ରୀ ୧୫ ଦିନକୁ ଥରେ ଏବଂ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଗୃହ ସଚିବ ତଥା ପୁଲିସ ମହାନିର୍ଦ୍ଦେଶକ ପାହ୍ୟାର ଅଧିକାରୀ ଏକ ସପ୍ତାହ ବ୍ୟବଧାନରେ ଏହାର ସମୀକ୍ଷା କରିବେ ବୋଲି ଶ୍ରୀ ଶାହା କହିଛନ୍ତି ।

# ମହାକୁମ୍ଭ - ସି.ଏସ୍. ଆଣ୍ଡ୍ ଡି.ଜି.ପି. ସଙ୍ଗମ୍

ଉତ୍ତର ପ୍ରଦେଶର ମୁଖ୍ୟ ଶାସନ ସଚିବ ମନୋଜ କୁମାର ସିଂ ଏବଂ ପୁଲିସ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଆଜି ପ୍ରୟାଗରାଜସ୍ଥିତ ମହାକୁମ୍ଭ ମେଳାର ସଙ୍ଗମ ଘାଟ ପରିଦର୍ଶନ କରିବା ସହ ଘଟଣାସ୍ଥଳରେ ଗତକାଲି ୩୦ ଜଣ ମୃତ୍ୟୁବରଣ କରିଥିବା ସ୍ଥାନକୁ ନିରୀକ୍ଷଣ କରିଛନ୍ତି । ଗତକାଲି ସଙ୍ଗମ ଘାଟ ନିକଟସ୍ଥ ଆଖଡ଼ା ମାର୍ଗରେ ଏହି ଦୁଃଖଦ ଘଟଣା ଘଟିଥିଲା । ଏହି ପରିଦର୍ଶନ ସମୟରେ ସେମାନେ ସେଠାରେ ପରିସ୍ଥିତି ଏବଂ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ । ମେଳା ଅଧିକାରୀ ବିଜୟ କିରଣ ଆନନ୍ଦ ଏବଂ ଡି.ଆଇ.ଜି. ବୈଭବ କ୍ରିଷ୍ଣା ମଧ୍ୟ ସେମାନଙ୍କ ସହିତ ଉପସ୍ଥିତ ଥିଲେ । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗତକାଲି ଏହି ଘଟଣାରେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ପରିସ୍ଥିତି ଉପରେ ସମୀକ୍ଷା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

ଇତିମଧ୍ୟରେ ଏହି ଘଟଣାର କାରଣ ଖୋଜିବାପାଇଁ ଉତ୍ତର ପ୍ରଦେଶ ସରକାର ତିନି ସଦସ୍ୟ ବିଶିଷ୍ଟ ବିଚାର ବିଭାଗୀୟ କମିଶନ ଗଠନ କରିଛନ୍ତି । ଏହି କମିଶନ ଆସନ୍ତାକାଲି ସଙ୍ଗମ ଘାଟ ପରିଦର୍ଶନ କରିବେ । ଏହି କମିଶନ ଘଟଣାର କାରଣ ଏବଂ ପାରିପାର୍ଶ୍ୱିକ ଅବସ୍ଥା ଉପରେ ଅନୁଧ୍ୟାନ କରିବା ସହିତ ଭବିଷ୍ୟତରେ ଯେଭଳି ଏହି ଘଟଣାର ପୁନରାବୃତ୍ତି ନ ଘଟେ, ସେଥିପାଇଁ ମଧ୍ୟ ପଦକ୍ଷେପ ନେବାକୁ ସରକାରଙ୍କୁ ପରାମର୍ଶ ଦେବେ । ଗଣମାଧ୍ୟମକୁ ସୂଚନା

ଦେଇ ସମସ୍ତ ଘଟଣାର ଅନୁସନ୍ଧାନ ସହିତ ଏନେଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କମିଶନର ମୁଖ୍ୟ ହର୍ଷ କୁମାର କହିଛନ୍ତି ।

## ଓଡ଼ିଶା - କୁମ୍ଭ ବସ୍ ସର୍ଭିସ୍

ଓଡ଼ିଶା ସରକାର ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭମେଳାପାଇଁ ବ୍ୟବସ୍ଥା କରାଯାଇଥିବା ସ୍ୱତନ୍ତ୍ର ବସ୍‌ସେବାକୁ ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ବାତିଲ୍ କରିଛନ୍ତି । ପ୍ରୟାଗରାଜଠାରେ ଶ୍ରଦ୍ଧାଳୁମାନଙ୍କ ଅହେତୁକ ଭିଡ଼କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଚଳିତ ମାସ ୧୨ ତାରିଖଠାରୁ ପ୍ରୟାଗରାଜକୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୮ଟି ବସ୍‌ସେବା ଆରମ୍ଭ କରାଯାଇଥିଲା । ଏହାକୁ ଆସନ୍ତାମାସ ୨୬ ତାରିଖ ପର୍ଯ୍ୟନ୍ତ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି ।

## ଦିଲ୍ଲୀ - କ୍ୟାମ୍ପେନ୍

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପ୍ରଚାର ଜୋର୍‌ସୋର୍‌ରେ ଆଗେଇ ଚାଲିଛି । ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ

ନେତାମାନେ ସାଧାରଣ ସଭା, ରୋଡ୍‌ଶୋ’ ଏବଂ ର୍‍ୟାଲିମାନ ଆୟୋଜନ କରି ଦଳ ସପକ୍ଷରେ ଭୋଟ୍ ଭିକ୍ଷା କରୁଥିବାର ଦେଖିବାକୁ ମିଳିଛି । ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରୋହିଣୀ ଏବଂ ୱାଜିର୍‌ପୁର ଅଞ୍ଚଳରେ ସାଧାରଣ ସଭାରେ ଯୋଗଦେଇ ନିର୍ବାଚନ ପ୍ରଚାର କରିଛନ୍ତି । ରୋହିଣୀଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ତାଙ୍କ ଦଳ କ୍ଷମତାକୁ ଆସିଲେ ମହିଳାମାନଙ୍କୁ ଅଢ଼େଇ ହଜାର ଟଙ୍କା ପ୍ରଦାନ କରାଯିବ । ସେହିପରି ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କୁ ୨୧ ହଜାର ଟଙ୍କା ଦିଆଯିବା ସହ ଦିଲ୍ଲୀ ବାସିନ୍ଦାଙ୍କ ପାଇଁ ୫ ଶହ ଟଙ୍କାରେ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯିବ । ଶ୍ରୀ ଶାହା’ ଆପ୍ ଆବାହକ ଅରବିନ୍ଦ କେଜରିୱାଲ୍ ଆଣିଥିବା ଯମୁନା ନଦୀର ଜଳକୁ ବିଷାକ୍ତ କରାଯାଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଦିଲ୍ଲୀରେ ଉପୁଜିଥିବା ସ୍ୱଚ୍ଛତା ପ୍ରସଙ୍ଗରେ ଶ୍ରୀ କେଜରିୱାଲ୍‌ଙ୍କୁ ସେ ପ୍ରଶ୍ନ କରିଛନ୍ତି ।

ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କ୍ରିଷ୍ଣନଗରଠାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେଇ ୧୦ ବର୍ଷରୁ ଅଧିକ ଶାସନ କରୁଥିବା ଆପ୍ ସରକାର ଦିଲ୍ଲୀରେ ଅସ୍ଥିରତା ଆଣିବା ଛଡ଼ା ଆଉ କିଛି କରିନାହିଁ ବୋଲି କହିଛନ୍ତି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଦିଲ୍ଲୀ ଅଧିବାସୀମାନଙ୍କପାଇଁ ଲାଗୁ ନ କରି ବରଂ ସେମାନଙ୍କୁ ଭ୍ରମିତ କରାଯାଇଛି ବୋଲି ସେ କହିଛନ୍ତି ।

ବରିଷ୍ଠ କଂଗ୍ରେସ ନେତା ରାହୁଲ୍ ଗାନ୍ଧି ମଧ୍ୟ ଯମୁନା ନଦୀ ପ୍ରଦୂଷଣ, ମଦ ଦୁର୍ନୀତି ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀ କେଜରିୱାଲ୍‌ଙ୍କୁ

ସମାଲୋଚନା କରିଛନ୍ତି । ବଦ୍‌ଲିଠାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେଇ ୧୦ ବର୍ଷର ଶାସନକାଳରେ ଆପ୍ ଆବାହକ ଶ୍ରୀ କେଜରିୱାଲ୍ ଦୁର୍ନୀତିରେ ବୁଡ଼ି ରହିଥିବା ଶ୍ରୀ ଗାନ୍ଧି ଅଭିଯୋଗ କରିଛନ୍ତି ।

## ଜୟଶଙ୍କର - ୟୁଥ୍ ଇଣ୍ଟରାକ୍ସନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ‘ବିକଶିତ ଭାରତ’ କାର୍ଯ୍ୟକ୍ରମପାଇଁ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିଛନ୍ତି । ଏହି ସମାବେଶକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି, ଯୁବକମାନଙ୍କ ବିନା ବିକଶିତ ଭାରତ ପରିକଳ୍ପନା କରାଯାଇପାରିବ ନାହିଁ । ଯୁବକମାନଙ୍କୁ ଶିକ୍ଷିତ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାପାଇଁ ସେମାନଙ୍କୁ ସୃଜନଶୀଳ ସ୍ୱାଧୀନତା ପ୍ରଦାନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଡକ୍ଟର ଜୟଶଙ୍କର ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରି କହିଛନ୍ତି, ସେମାନେ ନିଜ ନିଜ କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରନ୍ତୁ; ମାତ୍ର ଆଶାର ବୋଝକୁ ନିଜ ଉପରେ ଲଦି ଦିଅନ୍ତୁ ନାହିଁ । ଦେଶର ନିର୍ମାଣ ତଥା ଅଭିବୃଦ୍ଧି ହାରେରେ ଯୁବପିଢ଼ିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ନିଉଦିଲ୍ଲୀ - ୱାର୍ଲଡ ବୁକ୍ ଫେୟାର

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା-୨୦୨୫ ଆସନ୍ତା ୧ ତାରିଖରୁ ଆରମ୍ଭ ହେବ । ୭୫ ବର୍ଷ ଗଣତନ୍ତ୍ର ଦିବସକୁ ସ୍ମରଣ କରିବା ଅବସରରେ ଚଳିତ ବର୍ଷ ଏହି ମେଳାର ଶୀର୍ଷକ ରହିଛି "ଆମେ ଭାରତବାସୀ" । ୯ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବେ । ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟର ନିର୍ଦ୍ଦେଶକ ଯୁବରାଜ ମଲିକ୍ କହିଛନ୍ତି, ଏହି ପୁସ୍ତକମେଳାରେ ରୁଷ୍ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ବିଶେଷକରି ଫ୍ରାନ୍‌ସ, ଆର୍ଜେଣ୍ଟିନା, ସ୍ପେନ୍, କଲମ୍ବିଆ, ଆବୁଧାବି ଓ କାତାର ସମେତ ୫୦ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ । ଏହି ପୁସ୍ତକମେଳାରେ ୨ ହଜାର ପ୍ରକାଶକଙ୍କ ସମେତ ଏକ ହଜାର ବକ୍ତା ଯୋଗଦେବେ ବୋଲି ଶ୍ରୀ ମଲିକ ସୂଚନା ଦେଇଛନ୍ତି ।

*****